# ଗୋଦ୍‌ରେଜର ସ୍ମାର୍ଟ ଡିଜିଟାଲ ଲାଇଫ୍ ଶୋ'ରୁମ ଉଦ୍‌ଘାଟିତ

ଢେଙ୍କାନାଳ ଅଫିସ, ୧୩।୯

ଢେଙ୍କାନାଳ ରଥଗଡ଼ାରେ ଗୋଦ୍‌ରେଜ କମ୍ପାନୀର ଅତ୍ୟାଧୁନିକ ସ୍ମାର୍ଟ ଡିଜିଟାଲ ଲାଇଫ୍ ଶୋରୁମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କମ୍ପାନୀର ଜୋନାଲ ବିଜ୍‌ନେସ ମୁଖ୍ୟ ରଘୁନାଥ ମିଶ୍ର, ଯୁବରାଜ ଅମରଜ୍ୟୋତି ସିଂଦେଓ, ଆଞ୍ଚଳିକ ବିଜ୍‌ନେସ ମୁଖ୍ୟ ନୀଳମାଧବ ଜେନା ପ୍ରମୁଖ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ଏହା ଓଡ଼ିଶାର ୧୫ତମ ଏବଂ ଦେଶର ୯୩ତମ ଶୋରୁମ୍। ବ୍ୟବସାୟ ବଢ଼ାଇବା ଲକ୍ଷ୍ୟରେ ଢେଙ୍କାନାଳ ସହରରେ ପ୍ରଥମ ଥର ଏପରି ଶୋରୁମ୍ ଖୋଲାଯାଇଛି। ଏଠାରେ କମ୍ପାନୀର ବିଭିନ୍ନ ଉତ୍ପାଦ ଉପଲବ୍ଧ ହେଉଛି। ଉଦ୍‌ଘାଟନୀ ଦିବସରେ ଗ୍ରାହକଙ୍କ ପାଇଁ ଲକି ଡ୍ର ଅଫର ରଖାଯାଇଥିବା ଶୋରୁମ ପକ୍ଷରୁ ଜୟନ୍ତ ମିଶ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ଶୋ'ରୁମ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କମ୍ପାନୀ କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ।

# ଭବାନୀପାଟଣାରେ ଖୋଲିଲା ଗୋଦରେଜର ସୋରୁମ୍



ଭବାନୀପାଟଣା, ୧୧।୯ (ନି.ପ୍ର): ଆଜି ଭବାନୀପାଟଣା ସହରର ସତ୍ୟମ୍ ସିନେମା ହଲ୍ ନିକଟ (ହାତୀରାମ ଗଳି ପାର୍ଶ୍ୱ)ରେ ଜିଲ୍ଲାର ପ୍ରଥମ ତଥା ରାଜ୍ୟର ୧୪ତମ ଲଳିତ ଇଲେକଟ୍ରୋନିକ୍ସ ଗୋଦରେଜ ଆପ୍ଲାଏନ୍ସ ସୋରୁମ୍ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋଦରେଜ ଆପ୍ଲାଏନ୍ସର ରିଜୋନାଲ ବିଜିନେସ ମୁଖ୍ୟ (ଇଷ୍ଟଓବି) ରଘୁନାଥ ମିଶ୍ର ଯୋଗ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଲଳିତ ଇଲେକଟ୍ରୋନିକ୍ସର ମୁଖ୍ୟ ପରିଚାଳକ ଲଳିତ କୁମାର ଅଗ୍ରୱାଲ, ଭୁବନେଶ୍ୱର ସ୍ଥିତ ଶାଖା ମୁଖ୍ୟ ନୀଳମାଧବ ଜେନା, ମାର୍କେଟିଂ ମ୍ୟାନେଜର ଦୀପାୟନ ପଟ୍ଟନାୟକ, ଉଜ୍ଜ୍ୱଳ ନନ୍ଦ, ଅନିର୍ବାନ୍ ମୁଖାର୍ଜୀ ଯୋଗ ଦେଇଥିଲେ । ଏହି ସୋରୁମ୍‌ରେ ଗ୍ରାହକମାନଙ୍କ ମନପସନ୍ଦ ଅନୁଯାୟୀ ଗୋଦରେଜ କମ୍ପାନୀର ଫ୍ରିଜ୍, କୁଲର, ଏସି, ଆଲମିରା, ପଲଙ୍କ, ସୋଫା, ଡାଇନିଂ ସେଟ୍ ଏବଂ ଅନ୍ୟାନ୍ୟ ସମସ୍ତ ଇଲେକ୍ଟ୍ରୋନିକ୍ସ ଓ ଆସବାବପତ୍ର ଯୋଗାଇ ଦିଆଯିବା ବୋଲି ଆଞ୍ଚଳିକ ମୁଖ୍ୟ ଶ୍ରୀ ମିଶ୍ର ସୂଚନା ଦେଇଥିଲେ । ଶୀଘ୍ର ଭବାନୀପାଟଣାରେ ଗୋଦରେଜର ଏକ ଅତ୍ୟାଧୁନିକ ସର୍ଭିସ୍ ଭ୍ୟାନ କାର୍ଯ୍ୟ କରିବ ବୋଲି ସେ କହିଥିଲେ ।

ଭବାନୀପାଟଣାର ଏହି ସୋରୁମ୍ ହେବା ଦ୍ୱାରା ଭବାନୀପାଟଣା ସମେତ ସାରା ଜିଲା ଓ ଆଖପାଖ ଜିଲାର ଗ୍ରାହକମାନେ ଏଠାରୁ ଉଚିତ୍ ଦରରେ ଓ ଉନ୍ନତମାନର ଗୋଦରେଜ ସାମଗ୍ରୀ ପାଇପାରିବେ ବୋଲି ସୋରୁମ୍ ମୁଖ୍ୟ ଲଳିତ କୁମାର ଅଗ୍ରୱାଲ୍ କହିଥିଲେ । ଗ୍ରାହକମାନଙ୍କ ପାଇଁ ବିଭିନ୍ନ ପ୍ରକାର ଅଫର୍ ଓ ଲକି ଡ୍ର ମାଧ୍ୟମରେ ବିଜୟୀ ଗ୍ରାହକମାନଙ୍କୁ ଶତ ପ୍ରତିଶତ ଅର୍ଥ ଫେରସ୍ତ ସହିତ ଲଳିତ ଇଲେକଟ୍ରୋନିକ୍ସ ସବୁବେଳେ ଗ୍ରାହକମାନଙ୍କୁ ଉଚିତ ସେବା ଯୋଗାଇ ଦେବା ପାଇଁ ବଦ୍ଧପରିକର ବୋଲି ସେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୋରୁମ୍‌ର ଅନ୍ୟତମ ପରିଚାଳକ ସରୋଜ ଅଗ୍ରୱାଲ, ମିଳନ ଅଗ୍ରୱାଲ, ସଚିନ୍ ଅଗ୍ରୱାଲ, ବିଶାଳ ଅଗ୍ରୱାଲ, ବିକାଶ ଅଗ୍ରୱାଲ ଏବଂ କୁଳଭୂଷଣ ଜୈନ ପ୍ରମୁଖ ଉପସ୍ଥିତ ଥିଲେ ।

# ଖଡିଆଳରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ଦାବି

ଖଡିଆଳ, ୧୧।୯ (ନି.ପ୍ର): ନୂଆପଡା ଜିଲାର ପ୍ରମୁଖ ସହର ଖଡିଆଳ । ହେଲେ ଏଠାରେ ସ୍ଥାୟୀ ବସଷ୍ଟାଣ୍ଡ ନଥିବାରୁ ସାଧାରଣ ଯାତ୍ରୀ ନାହିଁ ନଥିବା ଅସୁବିଧା ଭୋଗ କରୁଥିବା ଅଭିଯୋଗ ହେଉଛି । ୧୯୯୩ ମସିହାରେ ନୂଆପଡା ଏକ ସ୍ୱତନ୍ତ୍ର ଜିଲା ମାନ୍ୟତା ପ୍ରାପ୍ତ ପାଇଥିବା ବେଳେ ତତ୍କାଳୀନ ଉପଜିଲାପାଳ ସରୋଜ କୁମାର ଝା ଖଡିଆଳ ସହରର ମୁଖ୍ୟ ରାସ୍ତାରେ ବସ ଅଟକି ରହୁଥିବା ଯୋଗୁଁ ସ୍ଥାନୀୟ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡିଆକୁ ବସଷ୍ଟାଣ୍ଡ ରୂପେ ପରିଗଣିତ କରିଥିଲେ । ୨୦ବର୍ଷ ଧରି ଏହି ପଡିଆ ବସଷ୍ଟାଣ୍ଡ ରୂପେ ପରିଚିତ ଥିବା ବେଳେ ସହର ମଧ୍ୟସ୍ଥଳୀରେ ଅବସ୍ଥିତି ଯୋଗୁଁ ଲୋକେ ସୁରୁଖୁରୁରେ ନିଜ କାର୍ଯ୍ୟ ସଂପାଦନ କରିପାରି ଫେରିଯାଉଥିଲେ । ହେଲେ ଜିଲା ପ୍ରଶାସନ ପକ୍ଷରୁ ଏହି ବସଷ୍ଟାଣ୍ଡକୁ ଭାଙ୍ଗିଦିଆଗଲା । ଲୋକେ ଏକ ସ୍ଥାୟୀ ବସଷ୍ଟାଣ୍ଡର ଭରଷା କରୁଥିଲେ । ହେଲେ ତାହା ଆଜି ପର୍ଯ୍ୟନ୍ତ ହୋଇ ପାରିନାହିଁ । ଗତ ୩ ବର୍ଷରୁ ସହରର ପ୍ୟାରେଡ ପଡିଆକୁ ଅସ୍ଥାୟୀ ବସଷ୍ଟାଣ୍ଡ ରୂପେ ବ୍ୟବହାର କରାଯାଉଛି । ହେଲେ ଏହି ଅସ୍ଥାୟୀ ବସଷ୍ଟାଣ୍ଡ ସହରର ଏକ ପାର୍ଶ୍ୱରେ ଅବସ୍ଥିତ ଥିବାରୁ ଯାତ୍ରୀଙ୍କ କଷ୍ଟ ଦ୍ୱିଗୁଣିତ ହୋଇଯାଇଛି । ଉକ୍ତ ବସଷ୍ଟାଣ୍ଡ ଅନେକ ସମସ୍ୟା ଦେଇ ଗତି କରୁଛି । ଏପରିକି ଆଲୋକ, ବିଶ୍ରାମଗାର, ପରିସ୍ରାଗାର ସହ ଅନ୍ୟାନ୍ୟ ଅସୁବିଧା ରହିଛି । ଫଳରେ ପୁରୁଷ ସହ ମହିଳା ଯାତ୍ରୀ ମାନେ ଅସୁରକ୍ଷିତ ମନେ କରୁଥିବା ବେଳେ ସନ୍ଧ୍ୟା ସମୟରେ ଉକ୍ତ ବସଷ୍ଟାଣ୍ଡ ଅଞ୍ଚଳ ଖାଁ, ଖାଁ ଲାଗୁଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ଏହି ବସଷ୍ଟାଣ୍ଡକୁ ଲାଗି ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ମାନ ରହିଥିବା ଜଣାପଡିଛି । ପ୍ରଶାସନ ତତ୍ପରତା ଦେଖାଇ ଏକ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି ।